بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୪ ମଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

## ଇସଲାମୀୟ ଖିଲାଫତ୍‌ର ବରକତ୍ ଏବଂ କେତେକ ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କର ଏହା ଆମ ଉପରେ ମହାନ କଲ୍ୟାଣ କି ସେ ଆମମାନଙ୍କୁ ହଜରତ ମସିହ ମଉଦ [ଅ.ସ]ଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କଲେ । ଯାହାଙ୍କ ମାଧ୍ୟମରେ ଐଶ୍ୱର୍ଯ୍ୟମୟ ପ୍ରଭୁ ଇସଲାମର ପୁନଃପ୍ରତିଷ୍ଠାର ପ୍ରତିଶୃତି ଦେଇଥିଲେ । ଆପଣ[ଅ.ସ] ଅଲ୍ଲାଃତାଲାଙ୍କ ଅଙ୍ଗୀକାର ମୁତାବକ ଏବଂ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଭବିଷ୍ୟତ ବାଣୀ ଅନ୍ତର୍ଗତ ହୁଜୁର [ସ.ଅ]ଙ୍କ ଦାସତ୍ୱରେ ଇସଲାମ ଧର୍ମର ନବିକରଣ କରିବା ସକାଶେ ପ୍ରେରଣ କରାଗଲେ । ପୁନଶ୍ଚ ଅଲ୍ଲାଃ ଓ ହୁଜୁର [ସ.ଅ]ଙ୍କ ପ୍ରତିଶୃତି ମୁତାବକ ଆପଣ [ଅ.ସ]ଙ୍କ ଦ୍ୱାରା ସ୍ଥାପିତ ଜମାଅତରେ ଖିଲାଫତ୍ ବ୍ୟବସ୍ଥାର ଶୁଭାରମ୍ଭ ହେଲା । ସୁତରାଂ ଏହା ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଓ ପୈଗମ୍ବର ହଜରତ ମୁହମ୍ମଦ [ସ.ଅ]ଙ୍କ ଭବ୍ୟ ଭବିଷ୍ୟତ ବାଣୀ ପୂରଣ ହେବାର ନିଦର୍ଶନ । ଯେଉଁ କାରଣରୁ ଆମେ ପ୍ରତିବର୍ଷ ପ୍ରତ୍ୟେକ ସ୍ଥଳେ ଯେଉଁ ଠାରେ ଜମାଅତ ସୁଦୃଢ଼ ଭାବରେ ସ୍ଥାପିତ ହୋଇଛି ମଇ ମାସର ୨୭ତାରିଖରେ ୟୌମ୍-ଏ-ଖିଲାଫତ୍ (ଖିଲାଫତ୍ ଦିବସ) ପାଳନ କରିଥାଉ ।

୨୬ମଇ ୧୯୦୮ମସିହାର ସେହି କାଳରାତ୍ରି ଯେଉଁଦିନ ଯୁଗାବତାର ହଜରତ ମସିହ ମଉଦ [ଅ.ସ]ଙ୍କର ନିଧନ ହେଲା ଏବଂ ତା'ପରଦିନ ଅର୍ଥାତ ୨୭ମଇ ଦିନ ଜମାଅତ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ମୁତାବକ ହଜରତ ମୌଲାନା ହକିମ୍ ନୁରୁଦ୍ଦିନ୍ [ର.ଅ]ଙ୍କୁ ନିଜର ପ୍ରଥମ ଖଲିଫା ମନୋନିତ କରି ଆପଣ [ର.ଅ]ଙ୍କ ହସ୍ତରେ ବୈଅତ କରିନେଲା । ଅର୍ଥାତ ହଜରତ ମସିହ ମଉଦ [ଅ.ସ]ଙ୍କ ମିଶନ୍‌କୁ ଅବ୍ୟାହତ ରଖିବାର ସଙ୍କଳ୍ପ କଲେ । ପୁଣି ଯେତେବେଳେ ପ୍ରଥମ ଖଲିଫାଙ୍କର ନିଧନ ହେଲା ସେତେବେଳେ ଜମାଅତ ଦ୍ୱିତୀୟ ଖଲିଫା ହଜରତ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦ [ର.ଅ]ଙ୍କ ହସ୍ତରେ ବୈଅତ କରିନେଲା । ତତ୍‌ପଶ୍ଚାତ ତୃତୀୟ ଖଲିଫା ଓ ଚତୁର୍ଥ ଖଲିଫାଙ୍କ ହସ୍ତରେ ଜମାଅତ ଏକତ୍ରିତ ହୋଇଗଲା । ଆଉ ପ୍ରତ୍ୟେକ ଖଲିଫାଙ୍କ କଲ୍ୟାଣମୟ କାଳରେ ଶତ୍ରୁ ଜମାଅତର ମୂଳୋତ୍ପାଟନ କରିବାର ପୂର୍ଣ୍ଣ ପ୍ରୟାସ କଲା କିନ୍ତୁ ପ୍ରତ୍ୟେକ ଥର୍‌ନିଜ ମନ୍ଦ ଉଦ୍ଦେଶ୍ୟରେ ଅସଫଳତାର ହିଁ ମୁହଁ ଦେଖିଲା । ଚତୁର୍ଥ ଖଲିଫାଙ୍କ ଦେହାନ୍ତ ପରେ ଅଲ୍ଲାଃତାଲା ନିଜ ଅଙ୍ଗୀକାର ପୂରଣ କରିବାର ଅଲୌକିକ ଦୃଶ୍ୟ (ସଂସାରବାସୀଙ୍କୁ) ଦେଖାଇଲେ ଅର୍ଥାତ ପଞ୍ଚମ ଖଲିଫାଙ୍କର ଚୟନ ହେଲା । ଅଲ୍ଲାଃତାଲା ଏହି ବିନୀତର ଅଗଣିତ ଦୁର୍ବଳତା ସତ୍ତ୍ୱେ ମୋ ସହିତ ଅସାଧାରଣ ସାହାଯ୍ୟ ଓ ସହଯୋଗ କଲେ ଏବଂ ଜମାଅତର ଉନ୍ନତିକୁ ବହୁଗୁଣିତ କରିଦେଲେ । ଏକାଧିକ ଦେଶରେ ଜମାଅତର ବୀଜ ବପନ କରିଦେଲେ, ବିଧିବଦ୍ଧ ଭାବରେ ଜମାଅତର ବ୍ୟବସ୍ଥା ପ୍ରଚଳିତ ହେଲା । ସହସ୍ର ସହର ଓ ଗ୍ରାମାଞ୍ଚଳରେ ସ୍ୱୟଂ ମହାପ୍ରଭୁ ହିଁ ଲୋକମାନଙ୍କ ମାର୍ଗଦର୍ଶନ କରି ଖିଲାଫତ୍‌ର ସାହାଯ୍ୟ ସହଯୋଗ କରୁଥିବାର ନିର୍ଦ୍ଦେଶନ ଦେଖାଇଲେ । ଯଦ୍ୱାରା ସେମାନଙ୍କ ହୃଦୟରେ ଖିଲାଫତ୍ ପ୍ରତି ପ୍ରେମାନୁରାଗର ଭାବ ଉଦ୍ରେକ କରିଦେଲେ । ଏପରି ନିଷ୍ଠା ଓ ବିଶ୍ୱସ୍ତତାରେ ପରିପୂର୍ଣ୍ଣ ଜମାଅତ ସ୍ଥାପନ

କରିବାର ବ୍ୟବସ୍ଥା କଲେ ଏବଂ ପ୍ରଭୁଙ୍କ ଏହି ଆଚରଣ ଅଦ୍ୟାବଧି ଅବ୍ୟାହତ ରହିଛି ।

ସୁତରାଂ ପରାକ୍ରମୀ ଅଲ୍ଲାଃତାଲା ନା କଦାପି ନିଜ ଅଙ୍ଗୀକାର ପାସୋରି ଥାନ୍ତି ଏବଂ ନା ତାହାକୁ ଭଙ୍ଗ କରିଥାନ୍ତି । ନା ନିଜର ଅତିପ୍ରିୟ ନବୀ ହଜରତ ମୁହମ୍ମଦ ସ.ଅଙ୍କ ଭବିଷ୍ୟତ ବାଣୀ ପୂରଣ ହେବାରେ ଶିଥିଳତା (ପ୍ରଦର୍ଶନ) କରିବେ । ଆମେମାନେ ଭାଗ୍ୟବାନ ଯେ, ହୁଜୁର ସ.ଅଙ୍କର ଅବତାରତ୍ୱର ମାର୍ଗ (ପ୍ରଣାଳୀ)ରେ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ହେବାର ଭବିଷ୍ୟବାଣୀ ପୂରଣ ହେବାର ସ୍ୱଚକ୍ଷୁରେ ଅବଲୋକ କରୁଅଛେ । ସୁତରାଂ ଯେକେହି ବାସ୍ତବରେ ନବୀଶିରୋମଣୀ ହଜରତ ମୁହମ୍ମଦ ସ.ଅଙ୍କ ସଚ୍ଚୋଟ ଦାସଙ୍କ ଜମାଅତ ସହିତ ସଂଶ୍ଳିଷ୍ଟ ରହିବ କେବଳ ସେ ହିଁ ପରମେଶ୍ୱରଙ୍କ କୃପା ଓ ଅନୁକମ୍ପାର ଉତ୍ତରାଧିକାରୀ ହେବ । ଇନ୍ନଶା ଅଲ୍ଲାଃ । କଳକି ଅବତାର ହଜରତ ମସିହ ମଉଦଅ.ସ ମଧ୍ୟ ସ୍ୱଷ୍ଟୋକ୍ତିରେ ଦର୍ଶାଇ ଦେଇଛନ୍ତି ଯେ, ମୋ ଅନ୍ତେ ଜମାଅତରେ ଖିଲାଫତ୍ ବ୍ୟବସ୍ଥା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଭବିଷ୍ୟତ ବାଣୀ ମୁତାବକ ପ୍ରଚଳିତ ହେବ । ଆପଣଅ.ସ କହିଲେ; ମୁଁ ଖାତମୁଲ୍ ଖଲିଫା (ଶ୍ରେଷ୍ଠ ଉତ୍ତରାଧିକାରୀ) ଆସନ୍ତାରେ ଯେକେହି ଆବିର୍ଭୁତ ହେବେ, ଯାହାଙ୍କୁ ପ୍ରଭୁ ଖିଲାଫତ୍ର ଆସନରେ ବିରାଜିତ କରିବେ ଏବଂ ସେ ମୋ ଅନୁଗାମୀ ହୋଇ ଆସିବ । ଅତଃ ଏବେ ସାଂସାରିକ ପଦ୍ଧତିରେ କେହି କାହିଁ କେତେ ପ୍ରୟାସ କରି ନନେଉ, **ସେ ଖିଲାଫତ୍ର ଏହି ଦୈବି ବ୍ୟବସ୍ଥା ଯାହାକି ହଜରତ ମସିହ ମଉଦ ଅ.ସଙ୍କ ଠାରୁ ପୃଥକ ହୋଇ କଦାପି ପ୍ରଚଳିତ କରିପାରିବ ନାହିଁ ।**

ସେ ଯାହା ହେଉ ଯେତେବେଳେ ଆପଣ ଅ.ସଙ୍କର ଅନ୍ତିମ ସମୟ ପାଖେଇ ଆସିଲା ସେତେବେଳେ ଆପଣ ଖିଲାଫତ୍ର ଦୈବି ବ୍ୟବସ୍ଥା ପ୍ରଚଳିତ ହେବାର ସୂଚନା ଦେଇ କହିଲେ; ଅଲ୍ଲାଃତାଲା ଦୁଇ ପ୍ରକାରର ଚମ୍ତ୍କାର ଦେଖାଇଥାନ୍ତି । **ପ୍ରଥମତଃ** ସ୍ୱୟଂ ନବୀଙ୍କ ହସ୍ତରେ ନିଜ ଭବ୍ୟ ନିଦର୍ଶନ ଦେଖାଇଥାନ୍ତି । **ଦ୍ୱିତୀୟତଃ** ଏପରି ଅସମୟରେ ଯେତେବେଳେ ଉକ୍ତ ଅବତାରଙ୍କ ସ୍ୱର୍ଗବାସ ହୋଇଯାଏ, ଆଉ ତାଙ୍କ ଜମାଅତକୁ ମହାବିପତ୍ତୀର ଘନବାଦଲ ଆଚ୍ଛାଦିତ କରିଦେଇଥାଏ ଏବଂ ଶତ୍ରୁ ବଳବାନ ହୋଇ ଉଠିଥାଏ ତଥା ମନେ କରିଥାଏ କି ଏବେ ଆମ ପକ୍ଷେ ଏହି ଜମାଅତକୁ ଧୂଳିଶାତ କରିବା ଅତି ସହଜସାଧ କାର୍ଯ୍ୟ । ଆଉ ସେ ପୂର୍ଣ୍ଣ ରୂପେ ଆଶ୍ୱସ୍ତ ହୋଇଯାଏ କି ଏବେ ଏହି ଜମାଅତ ବୁଡ଼ିଯିବ ଏବଂ ଜମାଅତର ଅନୁଗାମୀମାନେ ମଧ୍ୟ ଦ୍ୱିଧାରେ ପଡ଼ି ଯାଇଥାନ୍ତି ଏବଂ ସେମାନଙ୍କ ପଦସ୍ଖଳନ ଘଟିଥାଏ, ଅଣ୍ଟା ଭାଙ୍ଗି ଯାଇଥାଏ । କେତେକ ହତଭାଗାମାନେ ବିପଥଗାମୀ ପାଲଟି ଯାଇଥାନ୍ତି ସେତେବେଳେ ପରାକ୍ରମୀ ଅଲ୍ଲାଃତାଲା ନିଜର ଦ୍ୱିତୀୟ ମହାପ୍ରତାପର ବୈଭବ୍ୟ ପ୍ରଦର୍ଶନ କରିଥାନ୍ତି ଏବଂ ଅଧୋଗତିରେ ପତିତ ଜମାଅତର ସାହା ହୋଇଥାନ୍ତି । ଅତଏବ ଯେଉଁବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରକ୍ଷା କରିଥାଏ ସେହିଁ ପ୍ରଭୁଙ୍କର ସେହି ଅଭୁତପୂର୍ଣ୍ଣ ପରାକ୍ରମକୁ ଅବଲୋକନ କରିଥାଏ । ହୁଜୁରଅ.ସ କହିଲେ; ଅତଃ ହେ ପ୍ରିୟଜନ ! ଯେତେବେଳେ ଆମ ପାଳନକର୍ତ୍ତାଙ୍କର ଏହି ଚିରାଚରିତ ପ୍ରଥା କି ସେ ଦୁଇ ପ୍ରକାରର ଚମ୍ତ୍କାର ଦେଖାଇଥାନ୍ତି । **ଯଦ୍ୱାରା ବିରୋଧିମାନଙ୍କର ଦୁଇଟି ଭ୍ରମଧାରଣାକୁ ଧୂଳିଶାତ କରି ଦେଖାଇଦେବେ ତେଣୁ ଏବେ ଏହା ସମ୍ଭବ ନୁହେଁ ଯେ, ସେହି ସର୍ବଶକ୍ତିମାନ ପ୍ରଭୁ ନିଜ ପ୍ରାଚୀନ ପରମ୍ପରାକୁ ବର୍ଜନ କରିଦେବେ ।** ସୁତରାଂ ତୁମେମାନେ ମୋର ଏହି କଥାକୁ ଯାହାକି ମୁଁ ତୁମ ନିକଟରେ ଉପସ୍ଥାପନ କଲି, ଦୁଃଖରେ ଭାଙ୍ଗି ପଡ଼ ନାହିଁ । କାରଣ ତୁମମାନଙ୍କ ସକାଶେ ସେହି ଦ୍ୱିତୀୟ ଦୈବି ଚମତ୍କାର ଦେଖିବା ଜରୁରି (ନିୟତ) ରହିଛି । ସେହି ଅଲୌକିକ ପ୍ରକଟନ ତୁମମାନଙ୍କ ପକ୍ଷେ ମଙ୍ଗଳମୟ କାରଣ ତାହା ଚିରସ୍ଥାୟୀ ଏବଂ ଯାହାର ଧାରାବାହିକ ଭଙ୍ଗ ହେବ ନାହିଁ । କିନ୍ତୁ ଯେପର୍ଯ୍ୟନ୍ତ ମୁଁ ଏହି ନଶ୍ୱର ସଂସାରରୁ ପ୍ରସ୍ଥାନ କରିଯାଇ ନାହିଁ ସେହି ଦ୍ୱିତୀୟ ଦୈବି ଚମତ୍କାରର ଆଗମନ ହେବ ନାହିଁ ।

ସଂକ୍ଷିପ୍ତ ଭାବରେ ଦର୍ଶାଇ ଦେଉଛି କି ମୁଁ ତ ଏହି ଉକ୍ତିର ତାତ୍ପର୍ଯ୍ୟ ଏହା ହିଁ ମନେ କରୁଛି ଯେ, ଯେଉଁ ଲୋକମାନେ ହଜରତ ମସିହ ମଉଦ ଅ.ସଙ୍କ ଆୟୁଷ କେତେ ହେବ ତର୍କରେ ପଡ଼ିଛନ୍ତି ସେମାନଙ୍କ ପାଇଁ ମଧ୍ୟ

ଏଥିରେ ଉତ୍ତର ଆସିଯାଇଛି କି ଆପଣ ନିଜ ଆୟୁଷର ବର୍ଷ ଗଣନା କରି ଏହା ଦର୍ଶାଇ ନାହାନ୍ତି ଯେ, ଆଉ ମୋର ଏତିକି ଆୟୁଷ ବାକି ରହିଗଲା । ବରଂ ନିଜ ବାହୁଡ଼ି ଯିବା ପ୍ରତି ଇଙ୍ଗିତ କରିଛନ୍ତି ଏବଂ କେତେ କାଳ ଜୀବିତ ରହିବା ତାହାକୁ କୌଣସି ଗୁରୁତ୍ୱ ଦେଇ ନାହାନ୍ତି । ବରଂ ନିଜ ଆଗମନର ଉଦ୍ଦେଶ୍ୟ ପୂରଣ ହେବାକୁ ଗୁରୁତ୍ୱ ଦେଇଛନ୍ତି । ହୁଜୁର[ଅ.ସ] କହିଲେ; ଯେତେବେଳେ ମୋର ପରଲୋକ ହେବ ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ସେହି ଦ୍ୱିତୀୟ ପୁରସ୍କାରକୁ ତୁମମାନଙ୍କ ସକାଶେ ପ୍ରେରଣ କରିଦେବେ । ଯାହାକି ସଦାସର୍ବଦା ତୁମ ସହିତ ଅବିଚ୍ଛିନ୍ନ ରହିବ, ଯେପରିକି ପରମେଶ୍ୱରଙ୍କର "ବରାହିନେ ଅହେମଦିୟା"ରେ ଅଙ୍ଗୀକାର ରହିଛି ଏବଂ ସେହି ପ୍ରତିଶ୍ରୁତି ମୋ ସହିତ ନୁହେଁ ବରଂ ତୁମମାନଙ୍କ ସହିତ ଜଡ଼ିତ । ଯେପରିକି ସେ କୁହନ୍ତି; ମୁଁ ଏହି ଜମାଅତକୁ ଯେ ତୁମର ଅନୁଗାମୀ ଅଟନ୍ତି ପ୍ରଳୟ ଦିବସ ପର୍ଯ୍ୟନ୍ତ ବିଜୟ ମଣ୍ଡିତ କରିବି । ଅତଏବ ଏହା ଅନିର୍ବାର୍ଯ୍ୟ କି ତୁମମାନେ ମୋର ବିରହର ଦିବସ ଦେଖିବ ଫଳରେ ତହୁଁ ଉପରାନ୍ତେ ସେହି ଦିନ ମଧ୍ୟ ଆସିଯିବ ଯାହାକି ଚିରକାଳ ରହିବାର ପ୍ରତିଶ୍ରୁତି ଦିଆଯାଇଛି । ଆମର ସେହି ଦୟାଳୁ କୃପାଳୁ ପ୍ରଭୁ ନିଜ ପ୍ରତିଶ୍ରୁତିର ସର୍ବଶ୍ରେଷ୍ଠ ରକ୍ଷାକାରୀ, ବିଶ୍ୱସ୍ତ ଏବଂ ସତ୍ୟବାଦୀ ପ୍ରଭୁ । ଅତଃ ପ୍ରଭୁ ସେସମସ୍ତ ପ୍ରସଙ୍ଗ ତୁମକୁ ଦେଖାଇବେ ଯାହାର ସେ ଅଙ୍ଗୀକାର କରିଛନ୍ତି । ଯଦିଚ ଏହା ଅନ୍ତିମ ପର୍ଯ୍ୟାୟ ଏବଂ ଏହି ଶତାବ୍ଦୀରେ ଅନେକ ବିପତ୍ତି ଆସିବ, ଯାହାକି ବିଧିର ଧାର୍ଯ୍ୟ ବିଧାନ କିନ୍ତୁ ଏହି ଭବ ସଂସାର ସେପର୍ଯ୍ୟନ୍ତ ବଳବତର ରହିବ ଯେପର୍ଯ୍ୟନ୍ତ ସେସମସ୍ତ ପ୍ରସଙ୍ଗ ଅକ୍ଷର ଅକ୍ଷରେ ପୂରଣ ହୋଇଯାଇ ନାହିଁ, ଯାହାର ପରାକ୍ରମୀ ଈଶ୍ୱର ସୂଚନା ଦେଇଛନ୍ତି ।

ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଅନୁଯାୟୀ ଆପଣ [ଅ.ସ]ଙ୍କ ଦେହାନ୍ତ ପରେ ପ୍ରତ୍ୟେକ ଖଲିଫାଙ୍କ ପବିତ୍ର କାଳରେ ଜମାଅତ ଉନ୍ନତିର ଶିଖର ଚଢ଼ି ଚାଲିଛି ଏବଂ ସଦାସର୍ବଦା ପରି ପରମେଶ୍ୱର ଦୂରଦୂରାନ୍ତର ଦେଶରେ ବସିଥିବା ଲୋକମାନଙ୍କ ହୃଦୟରେ ଯେ ପୂର୍ବରୁ କଦାପି କୌଣସି ଖଲିଫାଙ୍କୁ ଦେଖି ମଧ୍ୟ ନଥିଲେ, ତାଙ୍କର ମାର୍ଗଦର୍ଶନ କରି ଖଲିଫାଙ୍କ ଧ୍ୱଜା ତଳେ ଆଣି ସେମାନଙ୍କୁ ଋଣ୍ଡ କରିଦେଲେ । ଏଠାରେ ସେହିପରି କେତେକ ଲୋକମାନଙ୍କ ଘଟଣାବଳୀ ଉପସ୍ଥାପନ କରି ଦେଉଛି ଯାହାଙ୍କୁ ପରମାତ୍ମା ଅଲ୍ଲାଃ ଖଲିଫାଙ୍କ ସାହାଯ୍ୟ ଓ ସହଯୋଗ କରିବାର ନିଦର୍ଶନ ଦେଖାଇଲେ ।

ବୁର୍କିନାଫାସୋ'ର ଏକ ଜମାଅତରେ ପ୍ରଥମ ଥର ନୂଆକରି ଏମ୍.ଟି.ଏ ଲାଗିଲା ଏବଂ ତାହା ମାଧ୍ୟମରେ ସେଠାକାର ଲୋକମାନେ ପ୍ରଥମ ଥର ନିଜ ପ୍ରିୟ ଖଲିଫାଙ୍କୁ ଦେଖି ଅଧିର ଓ ଲୋତକପୂର୍ଣ୍ଣ (ଅଶ୍ରୁଳ) ହୋଇଗଲେ ତଥା ତାହାର ଆନନ୍ଦ ସେମାନଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତୀତ ହେଉଥିଲା । ସେମାନେ କହିଲେ; ଆଜି ଏମ୍.ଟି.ଏ.ରେ ଉପସ୍ଥିତ ଖଲିଫାଙ୍କୁ ଦେଖି ଆମ ନେତ୍ର ଶୀତଳ ହେଲା ଏବଂ ଆମ ହୃଦୟକୁ ପୂର୍ଣ୍ଣ ଆଶ୍ୱସ୍ତି ଲାଭ ହେଲା । ଗେମ୍ବିଆ'ର ଅମିର ସାହେବ ଲେଖିଛନ୍ତି, ଜଣେ ମୋଟର ମେକାନିକ୍ ଏମ୍.ଟି.ଏ.ରେ ମୋତେ ବକ୍ତୃତା ଦେଉ ଥିବାର ଦେଖି କହିଲେ; ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଆଙ୍କୁ ପରମେଶ୍ୱରଙ୍କର ସମର୍ଥନ ଲାଭ ରହିଛି । ଅତଏବ ସେ ନିଜ ୧୪ଜଣ ସଦସ୍ୟ ବିଶିଷ୍ଟ ପରିବାର ବର୍ଗଙ୍କ ସହିତ ବୈଅତ କରିନେଲେ ।

ଜର୍ମାନୀର ସେକ୍ରେଟାରୀ ତବଲିଗ୍ ଉଲ୍ଲେଖ କରିଛନ୍ତି, ଜଣେ ଆରବ ଦେଶର ଲୋକ ତାଙ୍କ ଦୋକାନକୁ ଆସିଲେ ଏବଂ ପବିତ୍ର କୁରଆନର ଅନୁବାଦ ଖରିଦ୍ କରିନେଲେ । କିଛି ବ୍ୟସ୍ତତା ଯୋଗୁଁ ସେ ନିଜ ଜ୍ୟେଷ୍ଠ ଭ୍ରାତା ଓ ଆଉ ଜଣେ ସମ୍ପର୍କିୟଙ୍କୁ ପ୍ରେରଣ କଲେ । ଜଲସାରେ ମୋର ଅଭିଭାଷଣ ଶୁଣିବା ପରେ ତାଙ୍କ ଭାଇ କହିଲେ; ସୁନିଶ୍ଚିତ ରୂପେ ଆଙ୍କୁ ପରମେଶ୍ୱରଙ୍କର ସମର୍ଥନ ହାସଲ ଅଛି । ମହାଶୟ ସେହିଦିନ ରାତ୍ରିରେ ବୈଅତ୍ ଫର୍ମ ପୂରଣ କରି ଜମାଅତରେ ସାମିଲ ହୋଇଗଲେ ।

ଆଫ୍ରିକା ଦେଶ କେମରୁନ୍‌ର ଏକ ସହରର ଆଠ ଗୋଟି ପରିବାର ବୈଅତ କରି ଜମାଅତରେ ସାମିଲ ହେଲେ । ସେହି ନବାଗତ ଅହେମଦିମାନେ କହୁଥିଲେ, ଏମ୍.ଟି.ଏ ଆମ ପିଲାମାନଙ୍କ ଜୀବନ ବଦଳାଇ ଦେଇଛି ।

ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ତାଙ୍କ ସ୍କୁଲ ଶିକ୍ଷକ ଶୁକ୍ରବାର ଦିନ ମୋର (ଜୁମା) ଖୁତ୍‌ବା ଶୁଣିବାକୁ ଛୁଟି ଦେବାକୁ ମନା କରିଦେଲେ । ଏଥିରେ ସେ କହିଲେ; **ମୁଁ ସ୍କୁଲ ଛାଡ଼ି ଦେଇପାରେ କିନ୍ତୁ ଖୁତ୍‌ବା ଜୁମା (ଦେଖିବା) ଛାଡ଼ି ପାରିବି ନାହିଁ ।**

ବୁର୍‌କିନାଫାସୋର ଜଣେ ବ୍ୟକ୍ତି ମୋତେ ଏମ୍.ଟି.ଏରେ ଦେଖି କହିଲେ; ମୁଁ ତ ଆଙ୍କୁ (ପୂର୍ବରୁ) ସ୍ୱପ୍ନରେ ଦେଖିଛି । ସେଥିଅନ୍ତେ ସେ ବିନା କୌଣସି ପ୍ରମାଣ ଲୋଡ଼ି ଜମାଅତରେ ସାମିଲ ହୋଇଗଲେ । ତାଙ୍କ ଗ୍ରାମର ଅନେକ ଲୋକ ମଧ୍ୟ ଜମାଅତରେ ସାମିଲ ହୋଇ ଯାଇଛନ୍ତି । ଏବେ ଉକ୍ତ ଗ୍ରାମରେ ଜମାଅତ ସୁଦୃଢ଼ ଭାବରେ ସ୍ଥାପିତ ହୋଇଯାଇଛି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଏହିପରିପ୍ରେକ୍ଷୀରେ ଆଉ କେତେକ ଦେଶ ଯେପରି କଙ୍ଗୋକିନ୍‌ସାସା, ସିନେଗାଲ୍, ବେଲ୍‌ଜିୟମ୍, ଗିନୀବସାଓ୍ୱ, କିର୍ଗିୟସ୍ଥାନ, ନାଇଜେରିୟା ଓ ମାଲି ଆଦି ଦେଶମାନଙ୍କରେ ବାସ କରୁଥିବା କେତେକ ଲୋକ ଯାହାଙ୍କୁ ପରମାତ୍ମା ଅଲ୍ଲାଃ ଖଲିଫାଙ୍କ ସାହାଯ୍ୟ ଓ ସହଯୋଗ କରିବାର ନିଦର୍ଶନ ଦେଖାଇଛନ୍ତି ସେଥି ସଂକ୍ରାନ୍ତିୟ କିଛି ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ ବର୍ଣ୍ଣନା କଲେ । ସେଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହା ସ୍ୱଳ୍ପକିଛି ଘଟଣାବଳୀ ଥିଲା ଯାହାକି ମୁଁ ଉପସ୍ଥାପନ କଲି ଯାହା ସେଥିପ୍ରତି ଦୃଷ୍ଟି ନିକ୍ଷେପ କଲେ ପ୍ରଭୁଙ୍କ ସମର୍ଥନର ହସ୍ତ ଦୃଶ୍ୟମାନ ହୋଇଥାଏ କି କିପରି ପ୍ରଭୁ ସ୍ୱୟଂ ଲୋକମାନଙ୍କ ହୃଦୟ ଉନ୍ମୁକ୍ତ କରିଚାଲିଛନ୍ତି । ଏପରି ପ୍ରଭୁ ଅଣଅହେମଦିଙ୍କ ହୃଦୟରେ ଜମାଅତର ଖଲିଫାଙ୍କ ପ୍ରଭୁତ୍ୱ ବିସ୍ତାର କରୁଛନ୍ତି ଏବଂ ପବିତ୍ର ସ୍ୱଭାବ ଲୋକମାନଙ୍କୁ ଖଲିଫାଙ୍କ ସହିତ ଯୋଡ଼ି ଚାଲିଛନ୍ତି । ପ୍ରତ୍ୟେକ ଦିନର ଉଇଁଲା ସୂର୍ଯ୍ୟ ଜମାଅତର ଖିଲାଫତ୍ ବ୍ୟବସ୍ଥାର ଇତିହାସର ପ୍ରତ୍ୟକ୍ଷ ପ୍ରମାଣ ଯେ, ସର୍ବଶକ୍ତିମାନ ଅଲ୍ଲାଃତାଲା ହିଁ ଖଲିଫାଙ୍କର ସାହାଯ୍ୟ ସମର୍ଥନ କରୁଛନ୍ତି ଏବଂ ପ୍ରତିଦିନ ଜମାଅତ ଉନ୍ନତିର ମାର୍ଗରେ ଅଗ୍ରସର ହୋଇଚାଲିଛି । ଅଲ୍ଲାଃତାଲା ମୋତେ ମଧ୍ୟ ଏହି ମହତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିଙ୍କୁ ମଧ୍ୟ ସର୍ବଦା ଉପସ୍ଥିତ ଖଲିଫାଙ୍କ ସହିତ ପୂର୍ଣ୍ଣ ବିଶ୍ୱସ୍ତତା ଓ ନିଷ୍ଠାର ସମ୍ପର୍କ ରକ୍ଷା କରିବାର ଶକ୍ତି ଦିଅନ୍ତୁ ଏବଂ ଆମର ସମସ୍ତ ସତ୍ ଉଦ୍ଦେଶ୍ୟ ପୂରଣ କରନ୍ତୁ । ଯାହାର ସେ ନିଜ ମସିହ ଓ ମେହଦିଙ୍କ ସହିତ ଅଙ୍ଗୀକାର କରିଛନ୍ତି ଏବଂ ଜମାଅତର ଖିଲାଫତ୍ ବ୍ୟବସ୍ଥା ଦ୍ୱାରା ଏକ ପରମବ୍ରହ୍ମଙ୍କ ପ୍ରଭୁତ୍ୱ ସମଗ୍ର ବିଶ୍ୱରେ ସ୍ଥାପିତ ହେଉ । ସଂସାରବାସୀ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଧ୍ୱଜା ସମଗ୍ର ନଭ ମଣ୍ଡଳରେ ଲହରେଇବାର ଦୃଶ୍ୟ ଅବଲୋକନ କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ମୃତକ ଶ୍ରୀମାନ ଚୌଧରୀ ନସରୁଲ୍ଲାଃ ଖାନ୍ ସାହେବ ଓ ଶ୍ରୀମାନ କନୁର୍ ଇଦ୍ରିସ୍ ସାହେବଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରେଇବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।